## ବୁଗୁଡ଼ା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

ବୁଗୁଡ଼ା,(କଳୀଚରଣ ଦାଶ)-ବୁଗୁଡ଼ା ବ୍ଲକରେ ଶୁକ୍ରବାର ନୂତନ ବିଡ଼ିଓ ଭାବେ ସନ୍ତୋଷ କୁମାର ଜେନା ଯୋଗ ଦେଇଛନ୍ତି। ପୂର୍ବରୁ ସେ ଓଡ଼ଗାଁ ବିଡିଓ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ବୁଗୁଡ଼ା ବିଡିଓ ଥିବା ବାସୁଦେବ ନାୟକଙ୍କୁ ନୟାଗଡ଼ ଜିଲାର ନୂଆଁଗାଁ ବ୍ଲକକୁ ବଦଳି ହୋଇଛି। ବୁଗୁଡା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ ପରେ ତାଙ୍କୁ କାର୍ଯ୍ୟାଳୟର କର୍ମଚାରୀ, ଯନ୍ତ୍ରୀ, ପିଇଓ ସଂଘ, ଜିଆରଏସ ସଂଘ, ସରପଞ୍ଚ ଓ ସମିତି ସଦସ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ପୂର୍ବତନ ବିଡିଓ ବାସୁଦେବ ନାୟକଙ୍କୁ ମଧ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂତନ ବିଡିଓଙ୍କ ଯୋଗଦାନ ପରେ ବ୍ଲକର ଜନସାଧାରଣଙ୍କ ସେବାରେ ଧାନ ଦେବା ସହ ଏ ଅଞ୍ଚଳର ବିକାଶ ପାଇଁ ଦୃଷ୍ଟି ଦେବେ ବୋଲି ସେ କହିଥିଲେ।



### ସଂକ୍ଷେପରେ

## ରାସ୍ତାରେ ହାତଲେଖା ମାଓବାଦୀ ପୋଷ୍ଟର

ବାଲିଗୁଡା,୨୨।୯(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ଅନ୍ତର୍ଗତ ଝିରିପାଣିଠାରୁ ରାୟଗଡା ଜିଲାର ଅମ୍ବାଦଳାକୁ ସଂଯୋଗ କରୁଥିବା ରାସ୍ତାର ବରଗୁଡ଼ା ଛକଠାରେ ଶୁକ୍ରବାର ମାଓବାଦୀ ପୋଷ୍ଟର ଲାଗିଥିବା ଦେଖାଯାଇଛି। ସେଥିରେ ସେପ୍ଟେମ୍ବର ୨୧ରୁ ୨୭ ତାରିଖ ଯାଏ ଗଣତାନ୍ତ୍ରିକ ବିପ୍ଳବ ସପ୍ତାହକୁ ପାଳନ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ଜନସାଧାରଣ ନୂଆ ଗଣତାନ୍ତ୍ରିକ ବିପ୍ଳବରେ ଯୋଗ ଦେବା, ୯୦% ଶୋଷିତ ଜନତାଙ୍କୁ ମୁକ୍ତି, ଜଳ, ଜମି, ଜଙ୍ଗଲର ଅଧିକାର ପାଇଁ ଶସସ୍ତ୍ର ବର୍ଗ ସଂଘର୍ଷ କରିବାକୁ ପୋଷ୍ଟରରେ ଉଲ୍ଲେଖ ଲେଖାଯାଇଛି। ତଳେ ସିପିଆଇ ମାଓବାଦୀ ବୋଲି ଉଲ୍ଲେଖ ରହିଛି। ଯାହାକୁ ନେଇ ଝିରିପାଣି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ସାପ କାମୁଡ଼ାରେ ଯୁବକ ମୃତ

ଖଲ୍ଲିକୋଟ,୨୨।୯(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାନଘାଟି ବାହୁତିପଲ୍ଲୀ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଡିମିରିଆ ପଞ୍ଚାୟତ ସାନଘାଟି ବାହୁତିପଲ୍ଲୀ ଗ୍ରାମର ଗଣେଶ ଜେନାଙ୍କ ପୁଅ ମହେଶ୍ୱର ଗୁରୁବାର ରାତିରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତେବେ ଶୁକ୍ରବାର ଭୋର୍‌ରେ ମହେଶ୍ୱର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ମହେଶ୍ୱର ଏକ ମାତ୍ର ରୋଜଗାରିଆ ଥିବାରୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

## ଖବର ପ୍ରସାରଣ ପରେ ଲାଗିଲା ଟ୍ରାନ୍ସଫର୍ମର

ଫିରିଙ୍ଗିଆ ୨୨।୯ (ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ପାଲେଣ୍ଡି ଗାଁରେ ଗତ ୨୦୧୭ରେ ଚାଷୀମାନଙ୍କ ପାଇଁ ଜଳସେଚନ ନିମନ୍ତେ ସରକାରଙ୍କ ତରଫରୁ ବିଦ୍ୟୁତ୍ ସଂଯୋଗ କରିବା ସହ ଅତ୍ୟାଧୁନିକ ଯନ୍ତ୍ର ପାତି, ପାଣି ପମ୍ପ ସହ ଗାଁରେ ଟ୍ରାନ୍ସଫର୍ମର ମେସିନ ଲଗାଯାଇଥିଲା। ଏହି ଟ୍ରାନ୍ସଫର ମେସିନକୁ ଫିରିଙ୍ଗିଆ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଓ ଯନ୍ତ୍ରୀ ଚାଷୀଙ୍କ ଜାଣତରେ କାଢ଼ି ନେଇଥିବା। ଏ ନେଇ ଚାଷୀମାନେ କନ୍ଧମାଳ ଜଳାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସହ ବିଦ୍ୟୁତ୍ ବିଭାଗ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ ପୁଣି ଥରେ ଉକ୍ତ ଗାଁରେ ଟ୍ରାନ୍ସଫର ମେସିନ ଲଗାଯାଇଛି।

## ୧୮ କେଜି ଗଞ୍ଜେଇ ଜବତ, ୪ ଗିରଫ

ଖଜୁରିପଡା,୨୨।୯(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ରାଣୀ ପଥରଠାରେ ଶୁକ୍ରବାର ଅବକାରୀ ବିଭାଗ ୧୮ କେଜି ଗଞ୍ଜେଇ ସହିତ ଗୋଟିଏ ଇଣ୍ଡିଗୋ ଇସିଏସ ଜବତ କରିଛି। ଏହି ଘଟଣାରେ ୪ ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ପବିଙ୍ଗିଆର ପ୍ରକାଶ ଦିଗାଲ (୪୮), ସାଗର କୁମାର କହଁର (୨୨), ବିନୋଦ କହଁର(୪୨) ଓ ବାଳକୃଷ୍ଣ କହଁର (୪୯)।

# ସମସ୍ୟା ଘେରରେ ସିମନବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ର

- ଷ୍ଟାଫ ନର୍ସ ପଦବୀ ଖାଲି
- ଶୌଚାଳୟ, ପ୍ରସୂତି ଗୃହ ନାହିଁ
- ୩୩ କେଭି ବିଦ୍ୟୁତ ତାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ହଟେଇବାକୁ ଦାବି

ଦାରିଙ୍ଗବାଡି,୨୨।୯(ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସିମନବାଡି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଟି ନାହିଁ ନାହିଁରେ ଚାଲିଛି। ରୋଗୀଙ୍କୁ ସେବା ଯୋଗାଇବା ପାଇଁ ଡାକ୍ତର, ଫାର୍ମାସିଷ୍ଟ, ଆୟୁଷ ଡାକ୍ତର, ଆଟେଣ୍ଡାଣ୍ଟ ରହିଥିଲେ ସୁଦ୍ଧା ଆରୋଗ୍ୟ କେନ୍ଦ୍ରରେ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। କିନ୍ତୁ ସେମାନଙ୍କୁ ଆବଶ୍ୟକ ଇଞ୍ଜେକ୍ସନ, ସାଲାଇନ ଆଦି ଦେବା ପାଇଁ ଜଣେ ଷ୍ଟାଫ ନର୍ସର ଆବଶ୍ୟକ ଥିବା ବେଳେ ସେହି ପଦବୀ ଖାଲି ପଡ଼ିଛି। ପୂର୍ବରୁ କାର୍ଯ୍ୟ କରୁଥିବା ଷ୍ଟାଫ ନର୍ସଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲେ ସୁଦ୍ଧା ସେହି ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନି। ଫଳରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ସେବା ପାଇଁ ମାତ୍ର ଗୋଟିଏ ରୋଗୀ ଶଯ୍ୟା ରହିଛି। ଫଳରେ ଏକାଧିକ ରୋଗୀଙ୍କ ପାଇଁ ଶଯ୍ୟା ଆବଶ୍ୟକ ପଡିଲେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ସେହିପରି ପରୀକ୍ଷା କେନ୍ଦ୍ର ଅସ୍ଥାୟୀ କୋଠାରେ କରାଯିବା ବ୍ୟବସ୍ଥା କରାଯାଇଥିବା ବେଳେ ଜଣେ ଲ୍ୟାବ କର୍ମଚାରୀଙ୍କୁ ମାତ୍ର ସପ୍ତାହରେ ଦୁଇଦିନ ନିଯୁକ୍ତି ଦିଆଯାଉଛି। ଫଳରେ ଜରୁରୀକାଳୀନ ପରିସ୍ଥିତିରେ ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗର ଚିହ୍ନଟ ପାଇଁ ଲୋକେ ରକ୍ତ ପରୀକ୍ଷା କରେଇବା ପାଇଁ ଦାରିଙ୍ଗବାଡି, ବାଲିଗୁଡା, ଫୁଲବାଣୀ ଓ ବ୍ରହ୍ମପୁର ଯାଇ ପରୀକ୍ଷା କରି ବହୁ ଖର୍ଚ୍ଚାନ୍ତ ଭୋଗୁଛନ୍ତି। ଆଉ ଗରିବଶ୍ରେଣୀର ଲୋକ ମାନେ ଏହା କରିନପାରି ହଇରାଣ ଭୋଗୁଛନ୍ତି। ସେହିପରି ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ, ଡାକ୍ତର ଓ ଆସୁଥିବା ରୋଗୀମାନଙ୍କ ପାଇଁ ଶୌଚାଳୟ ନଥିବାରୁ ବହୁତ ହଟହଟା ହେବାକୁ ପଡୁଛି। ବିଶେଷ କରି ମହିଳା ରୋଗୀ ଓ କର୍ମଚାରୀ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଉକ୍ତ ଆରୋଗ୍ୟ କେନ୍ଦ୍ର ପରିସର ମଧ୍ୟରେ ୩୩ କେଭି ବିଦ୍ୟୁତ ତାର ଯାଇଥିବାରୁ ଆରୋଗ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ଓ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନେ ନେଇ ଭୟଭୀତ ହେଉଛନ୍ତି। କାରଣ ବହୁ ପୁରାତନ ବିଦ୍ୟୁତ ତାର ହୋଇଥିବାରୁ ଛିଣ୍ଡି ଯିବା ଆଶଙ୍କା ରହିଛି। ସେହିପରି କେନ୍ଦ୍ର ପରିସରରେ ବିଦ୍ୟୁତ ଟ୍ରାନ୍ସଫର୍ମର ମଧ ରହିଥିବାରୁ କୌଣସି ନୂତନ କୋଠା କାର୍ଯ୍ୟ କରାଯାଇପାରୁନଥିବା ଜଣାପଡିଛି। ଏହିସବୁ ସମସ୍ୟା ସମ୍ପର୍କରେ ଅଧିକାରୀ, ଜିଲା ପ୍ରଶାସନକୁ ଜଣାଯାଇଥିଲେ ମଧ କୌଣସି ସମାଧାନ ହୋଇପାରିନଥିବା ଆରୋଗ୍ୟ କେନ୍ଦ୍ରର ଇନଚାର୍ଜ ଡାକ୍ତର ଅବିନାଶ ମଲିକ କହିଛନ୍ତି। ଷ୍ଟାଫ ନର୍ସ ନିଯୁକ୍ତି ନିହାତି ଜରୁରୀ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏ ନେଇ ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର କହିଛନ୍ତି ଯେ, ଏବେ ୯୬ ଲକ୍ଷ ଟଙ୍କା ବିନିମୟରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କୋଠା କରାଯିବା ପାଇଁ ଟେଣ୍ଡର ସରିଛି। ଏକ ସପ୍ତାହ ମଧରେ ଏହି କାର୍ଯ୍ୟ କରାଯିବ ଏବଂ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଗୃହ ସମେତ ଶୌଚାଳୟର ବ୍ୟବସ୍ଥା ରହିବ।



ବାଲିପଦର ମୁଖ୍ୟରାସ୍ତାରେ ଟ୍ରାଫିକ୍ ଜାମ ହୋଇଛି।

### ଏମ୍‌କେସିଜି ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ମାମଲା

## ବରିଷ୍ଠ କିରାଣିଙ୍କୁ ରେକର୍ଡ ସେକ୍ସନକୁ ବଦଳି

### ଥାନାରେ ଏତଲା ଦେଲେ ପୀଡ଼ିତା

ବ୍ରହ୍ମପୁର,୨୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି କୈଳାସ ସାହୁଙ୍କୁ ରେକର୍ଡ ସେକ୍ସନକୁ ବଦଳି କରାଯାଇଥିବା କହିଛନ୍ତି ଅଧୀକ୍ଷକ ପ୍ରଫେସର ଡା.ସୂଚିତ୍ରା ଦାଶ। ତାଙ୍କ ଜରିଆରେ କୌଣସି ଆର୍ଥିକ କାରବାର ହେବ ନାହିଁକି, ମହିଳା କର୍ମଚାରୀ ରହୁଥିବା ବିଭାଗରେ ତାଙ୍କୁ ଦାୟିତ୍ୱ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତା ମହିଳା କର୍ମଚାରୀଙ୍କୁ ସୁରକ୍ଷିତ ଭାବେ କାମ କରିବାକୁ ବ୍ୟବସ୍ଥା କରାଯାଇଥିବା ସେ ଜଣାଇଛନ୍ତି। ଅଗଷ୍ଟ ୯ତାରିଖରେ କମ୍ପ୍ୟୁଟର ଅପରେଟର ଭାବେ କାମ କରୁଥିବା ଜଣେ ମହିଳା କର୍ମଚାରୀ ବରିଷ୍ଠ କିରାଣିଙ୍କ ବିରୋଧରେ ଏଭଳି ସଙ୍ଗୀନ ଅଭିଯୋଗ ଆଣି ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ପରେ ଜଣେ ମହିଳା ଡିଏସ୍‌ପି, ଏସଆଇଙ୍କ ସହ ସ୍ୱତନ୍ତ୍ର ପୋଲିସ ଟିମ ଏମକେସିଜିରେ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ମହିଳା କର୍ମଚାରୀ ଜଣକ କମ୍ପ୍ୟୁଟରରେ କାମ କରୁଥିବେଳେ ଅଗଷ୍ଟ ୫ତାରିଖରେ ବରିଷ୍ଠ କିରାଣି ତାଙ୍କ ପାଖକୁ ଯାଇଥିଲେ। ସେଠାରେ ଥିବା ଅନ୍ୟ କର୍ମଚାରୀ ମାନେ କୌଣସି କାମରେ ବାହାରକୁ ଯିବା କ୍ଷଣି ସେ ଅସଦାଚରଣ କରିଥିଲେ। ମହିଳା କର୍ମଚାରୀ ପ୍ରତିବାଦ କରିଥିଲେ ଏବଂ ତାଙ୍କୁ ପଚାରିଥିଲେ। ଅଗଷ୍ଟ ୯ତାରିଖରେ ଅଧକ୍ଷକ ଓ ରେଜିଷ୍ଟ୍ରାରଙ୍କ ନିକଟରେ ଅଭିଯୋଗ କରିଥିଲେ । କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଅଗଷ୍ଟ ୧୭ ତାରିଖରେ ପୁନଃ ଅଭିଯୋଗ କରିଥିଲେ । ଅଧୀକ୍ଷକଙ୍କ ଯୌନ ଉତ୍ପୀଡ଼ନ କମିଟିକୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଏଫଏମଟି ବିଭାଗର ମୁଖ୍ୟ ତଥା ପ୍ରଫେସର ସୁଚିତ୍ରା ଦାସ ଏହି କମିଟିର ମୁଖ୍ୟ ଥିବା ବେଳେ ଅନ୍ୟ ସଦସ୍ୟ ମାନେ କମିଟିରେ ସାମିଲ ଥିଲେ । କମିଟି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ଅଧୀକ୍ଷକ କହିଛନ୍ତି।

## ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ତୁମୁଡିବନ୍ଧ,୨୨।୯(ଦୀପକ କୁମାର ପରସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ସଭାଗୃହରେ ଶୁକ୍ରବାର ୨ଦିନିଆ ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବାସନ୍ତି ମାଝୀ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ସନ୍ତୋଷ କୁମାର ସାହୁ ଏବଂ ତୁମୁଡିବନ୍ଧ ସମିତି ସଭ୍ୟା ସୁଭଦ୍ରା ବେହେରଦଳାଇ ଓ ତୁମୁଡିବନ୍ଧ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୧୧ଟି ପଞ୍ଚାୟତର କଳାକାରମାନେ ଉପସ୍ଥିତ ଥିଲେ। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ଲକ ସ୍ତରରେ କଳାକାର ମାନଙ୍କ ମଧ୍ୟରୁ ଜଣେ ଉପସଭାପତି ଚୟନ କରିବାର ଥିବାରୁ ଉପସଭାପତି ଭାବେ ନେତ୍ର ମାନସେଠଙ୍କୁ ସର୍ବ ସମ୍ମତିକ୍ରମେ ଚୟନ କରାଯାଇ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଜିଲା ସ୍ତରରୁ ପ୍ରଶିକ୍ଷଣ ନେଇଥିବା କଳାକାର ରାମୁ ସାଥୁଆ ଉପସ୍ଥିତ କଳାକାରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମର ସମ୍ପାଦକ ଗୋଷ୍ଠୀ ସାମାଜିକ ନିରାପତ୍ତା ଅଧିକାରୀ ସୌମ୍ୟ ରଞ୍ଜନ ସାହୁ, ଶୁଭ୍ରାଂଶୁ ଶେଖର ବ୍ରହ୍ମ, ରାଜୀବ ନାୟକ ସହଯୋଗ କରିଥିଲେ।

## ଗିରଫ ଟ୍ୟୁଶନ ଶିକ୍ଷକ ଜେଲ ଗଲେ

ବ୍ରହ୍ମପୁର,୨୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜନୈକା କଲେଜ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ବଡବଜାର ଥାନା ପୋଲିସ ଜଣେ ଟ୍ୟୁଶନ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଗୁରୁ କୁମାର ଗୌଡ(୨୩)। ଗତ ୨୦ତାରିଖ ସନ୍ଧ୍ୟାରେ ପୋଲିସ ଅପହୃତା ଛାତ୍ରୀଙ୍କୁ ନୂଆବସଷ୍ଟାଣ୍ଡ ନିକଟରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ମଧ କାବୁ କରିଥିଲା। ପୀଡ଼ିତାଙ୍କ ବୟାନ ଅନୁସାରେ ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକ ତାଙ୍କୁ ଅପହରଣ କରି ଖଲ୍ଲିକୋଟ ଅଞ୍ଚଳର ଏକ ଲଜରେ ରଖି ଏକାଧିକଥର ବଳାତ୍କାର କରିଛନ୍ତି। ସେହିପରି ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଗୁରୁ କୁମାରଙ୍କୁ ଗିରଫ କରିଥିଲା। ଶୁକ୍ରବାର ଉଭୟେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କୁ କୋର୍ଟ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଧାରା ୧୬୪ ଅନୁଯାୟୀ କୋର୍ଟରେ ପିଡିତାଙ୍କ ବୟାନ ମଧ ରେକର୍ଡ ହୋଇଛି। ଘଟଣାରୁ ପ୍ରକାଶ ଗୁରୁ ପୁରୁଷୋତ୍ତମପୁର ଅଞ୍ଚଳରେ ଟ୍ୟୁସନ କରୁଛନ୍ତି। ଛାତ୍ରୀଜଣଙ୍କ ମଧ ତାଙ୍କ ପାଖରେ ୯ମ ଓ ୧୦ମ ଶ୍ରେଣୀରେ ଟ୍ୟୁଶନ ପଢୁଥିଲେ। ସେ ମାଟ୍ରିକ ପାସ୍ କରିବା ପରେ ଉଚ୍ଚ ଶିକ୍ଷା ପାଇଁ ଅଭିଭାବକଙ୍କ ସହ ବ୍ରହ୍ମପୁର ଚାଲିଆସିଥିଲେ। ପୀଡିତା ଛାତ୍ରୀ ଗତ ୧୯ତାରିଖରେ ସେ ପଢୁଥିବା କଲେଜକୁ ଗଣେଶ ପୂଜା ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ କୌଣସି ସନ୍ଧାନ ନପାଇବାରୁ ବଡବଜାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ୍ ୩୪୭/୨୩ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ୨ ନାବାଳିକାଙ୍କୁ ବଳାତ୍କାର ଘଟଣା

## ଅଭିଯୁକ୍ତ ପିଏମ୍ ଜେଜେବିରେ ହାଜର

ଗୋପାଳପୁର,୨୨।୯(ନବୀନ ରାଜ ଆଚାରୀ)

ଦୁଇ ନାବାଳିକାଙ୍କୁ ପ୍ରଥମେ ପ୍ରେମ ପରେ ପ୍ରତାରଣା ଦେବା ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ସୁନାପୁର ସାମୁଦ୍ରିକ ଥାନା ପୋଲିସ ଶୁକ୍ରବାର ପି.ଏମ ଜେଜେ ବି ବ୍ରହ୍ମପୁରରେ ହାଜର କରିଛି। ଅଭିଯୁକ୍ତ ଜଣକ ଜଣେ ନାବାଳିକା(୧୭)ଙ୍କୁ ଗତ ପାଞ୍ଚ ବର୍ଷ ତଳେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପୁଣି କିଛି ମାସର ବ୍ୟବଧାନ ପରେ ସେହି ଗ୍ରାମର ଅନ୍ୟ ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଗତ ୧୭ ତାରିଖରେ ଅପହରଣ କରିଥିଲେ। ପରେ ୨୦ ତାରିଖରେ ଗ୍ରାମକୁ ନାବାଳିକା ଓ ଅଭିଯୁକ୍ତ ଫେରିଥିଲେ। ଏହା ଜାଣି ପୂର୍ବରୁ ସମ୍ପର୍କ ରଖିଥିବା ଯୁବତୀ(୨୨) ଜଣକ ସୁନାପୁର ମେରାଇନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦/୨୩ରେ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚାରା ଉଚରା କରିଥିଲା। ଶୁକ୍ରବାର ଉଭୟଙ୍କୁ ଡାକ୍ତର ମଇନା କରିବା ପରେ ଅଭିଯୁକ୍ତଙ୍କୁ ପିଏମ୍‌ଜେଜେବିରେ ପୋଲିସ ହାଜର କରିଥିଲା। ଅନ୍ୟପଟେ ଗତ ୧୭ ତାରିଖରେ ଅପହରଣ ହୋଇଥିବା ନାବାଳିକାଙ୍କୁ ମଧ ଅଭିଯୁକ୍ତ ବଳାତ୍କାର କରିଥିବା ନେଇ ସେ ସୁନପୁର ମେରାଇନ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୨୧/୨୩ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଆସିକା,୨୨।୯(ସୁରେନ୍ଦ୍ର ନାଥ ସାହୁ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା ଟେକ୍ନିକାଲ ହାଇସ୍କୁଲ ଖେଳ ପଡିଆ ଠାରେ ଶୁକ୍ରବାର ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଆସିକା ଓ ଧରାକୋଟ ବ୍ଲକର ବିଭିନ୍ନ ଖେଳକୁଦ ଲାଗି ୩୨୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧରାକୋଟ ଗୋଷ୍ଠୀ ଶିକ୍ଷାଧିକାରୀ ଲିଙ୍ଗରାଜ ସ୍ୱାଇଁ ମୁଖ୍ୟ ଅତିଥି, ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନିରାଣୀ ମହାନ୍ତି ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ଏମ.ପି. ପ୍ରତିନିଧି ସତ୍ୟନାରାୟ ସ୍ୱାଇଁ, କ୍ରୀଡାବିତ ଦିଲୀପ କୁମାର ପାଣିଗ୍ରାହୀ, ତାରିଣୀ ସେନାପତି, ଏବିଇଓ ଭାଗିରଥି ପାତ୍ର, ବିଭୂନନ୍ଦନ ପଣ୍ଡା, ପ୍ରଦୀପ କୁମାର ହୋତା, ପାଣ୍ଡିବ ସ୍ୱାଇଁ, ଇନ୍ଦିରା ଦାସ ପ୍ରମୁଖ ଯୋଗଦେଇଥିଲେ । ଟେକ୍ନିକାଲ ହାଇସ୍କୁଲର କ୍ରୀଡା ଶିକ୍ଷକ କୈଳାସ ଗୌଡଙ୍କ ନେତୃତ୍ୱରେ ସ୍ୱଦେଶା ଦଳାଇ, ଦେବରାଜ ଜେନା, ଚନ୍ଦ୍ରକଳା ସାହୁ, ପାଣ୍ଡିବ ଗୌଡ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ । ଉଦ୍‌ଯାପନୀରେ ଆସିକା ବିଧାୟିକାଙ୍କ ପ୍ରତିନିଧି ନଚିକେତା ସ୍ୱାଇଁ ଏବଂ ଖାରିଆ ସରପଞ୍ଚଙ୍କ ପ୍ରତିନିଧି ଭଗବାନ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୨୨।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ବାଡଶିଆ ଗ୍ରାମରେ ଶୁକ୍ରବାର ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଘରୁ ମାଟି ସଂଗ୍ରହ କରିଥିଲେ । ବରିଷ୍ଠ ଭାଜପା ନେତା ପ୍ରତାପ ନାୟକ ନେତୃତ୍ୱରେ ପାଣ୍ଡିଆ ମଣ୍ଡଳ ସଭାପତି ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ସୁଦାମ ବେହେରା, ଶ୍ରୀକାନ୍ତ ମହାପାତ୍ର, ଈଶ୍ୱର ଦାସ, ଶିଶିର ଗୌଡ଼, ପୀତବାସ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ସୂର୍ଯ୍ୟାଂଶୁ ବେହେରା ଆଦି ସାମିଲ ହୋଇଥିଲେ। ଗ୍ରାମର ଶତାଧିକ ମହିଳା ଉକ୍ତ ମାଟିକୁ ବନ୍ଦାପନା କରିବା ସହ ପୂଜା କରିଥିଲେ।

## ମିଳିଛି ଘର ପଟ୍ଟା, ଜାଗା ଜାଣିନାହାନ୍ତି ହିତାଧିକାରୀ



କୁଲଙ୍ଗ ଗ୍ରାମବାସୀ।

ଗୁମ୍ମା,୨୨।୯(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଅନ୍ତର୍ଗତ କୁଲଙ୍ଗ ଗ୍ରାମରେ ଅକ୍ଟୋବର ୨୬, ୨୦୧୯ରେ ପାହାଡ଼ ଧସି ବହୁ ଘର ନଷ୍ଟ ହୋଇଯାଇଥିଲା। କିନ୍ତୁ ୪ ବର୍ଷ ହେଲା ସରକାରଙ୍କ ସାହାଯ୍ୟରୁ ବଞ୍ଚିତ ହୋଇଛନ୍ତି ବନ ପାହାଡ଼ ଅଞ୍ଚଳରେ ରହୁଥିବା ଆଦିବାସୀମାନେ। ନିଜ ଅଞ୍ଚଳରେ ଥିବା ବନ ପାହାଡରେ ଚାଷବାସ କରି ପରିବାର ସହ ଭରଣ ପୋଷଣ କରି କୁଲଙ୍ଗ ଗ୍ରାମବାସୀ ରହୁଥିଲେ। ହେଲେ ପାହାଡ଼ ଧସି ସବୁକିଛି ନଷ୍ଟ ହୋଇଯାଇଥିଲେ ମଧ ସରକାରଙ୍କ ସାହାସ୍ୟରୁ ବଞ୍ଚିତ ରହିଛନ୍ତି। ସରକାର କୁଲଙ୍ଗ ଗ୍ରାମବାସୀଙ୍କୁ ୱାର୍କ ଅର୍ଡର ଦେଇଛନ୍ତି ଆଉ ବ୍ୟାଙ୍କ ପାସବୁକରେ ୨୦୦୦୦ ଟଙ୍କା ଛାଡ଼ି ପାସ୍ ବୁକକୁ ହୋଲ୍ଡ଼ କରି ରଖିଛନ୍ତି। ସରକାର ଘରପଟା ଦେଇଛନ୍ତି ହେଲେ ଘର କରିବାକୁ ଜାଗା କଉଁଠି ଅଛି କୁଲଙ୍ଗ ଗ୍ରାମବାସୀ ଏବେ ଯାଏ ଜାଣିନାହାନ୍ତି। କୁଲଙ୍ଗ ଗ୍ରାମବାସୀ ମାନଙ୍କ ପ୍ରଥମ ସମସ୍ୟାର ସମାଧାନ ହୋଇ ନଥିବା ବେଳେ ଦ୍ୱିତୀୟ ସମସ୍ୟା ମାଡ଼ି ଆସିଯାଇଛି। ଦୁଇଦିନର ବର୍ଷାରେ ରାସ୍ତାରୁ ମାଟି ପଥର ଖସି ବିଲରେ ପଡ଼ିଛି। ରାସ୍ତା ପାର୍ଶ୍ୱରେ ଯେଉଁ ପଥର ବନ୍ଧା ହୋଇଥାଏ ସେ ସବୁ ଖସି ଯାଇଛି। ଆଗକୁ ଯଦି ଲଗାଣ ବର୍ଷା ହେଲେ ରାସ୍ତା ଦେଇ ପାହାଡ଼ ଧସିବାର ଅନେକ ସମ୍ଭାବନା ରହିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବର୍ଷା ଦିନ ରାତିରେ ଜୀବନକୁ ବାଜି ଲଗାଇ ପାହାଡ଼ ଉପରେ ରହିବାକୁ ପଡୁଛି।

## ରକ୍ତଦାନ ଶିବିର, ୯୨ ୟୁନିଟ୍ ସଂଗ୍ରହ

ଗଞ୍ଜାମ,୨୨।୯(ବିଦ୍ୟାଧର ସାହୁ)




ଶିବିରରେ ଉପସ୍ଥିତ ଅତିଥି।

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗଣେଶ ପୂଜା କମିଟି ପକ୍ଷରୁ ସ୍ଥାନୀୟ ଗ୍ରାସୀମ କମ୍ପାନୀ ସହଯୋଗରେ ଏକ ରକ୍ତଦାନ ଶିବିର ଗ୍ରାମର ସାଂସ୍କୃତିକ ଗୃହ ମଧରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୨ ୟୁନିଟ ସ୍ୱେଚ୍ଛାକୃତ ଭାବରେ ରକ୍ତଦାତା ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଓ ଗ୍ରାସୀମ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା ଯୋଗଦେଇ ରକ୍ତଦାନ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, କମ୍ପାନୀ ଏଚଆର ମୁଖ୍ୟ ନିରଜ ପଟ୍ଟନାୟକ, ଗଞ୍ଜାମ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଅମର ପ୍ରସାଦ ବିଷୋୟୀ, ସରପଞ୍ଚ ସଂଯୁକ୍ତା ପ୍ରଧାନ, ଗଞ୍ଜାମ ନଗର ଯୁବ ସଭାପତି ସୁଧିର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ଗ୍ରାସୀମ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା, ସିଏଚ୍‌ଆର ହେଡ଼ ପ୍ରବୀଣ କୁମାର ଦାଶ, ସସ୍ମିତା ବେହେରା, ରାଜେଶ କୁମାର ସାହୁ, ପୁରୁଷୋତ୍ତମ ମୁଦୁଲି, ପୁରୁଷୋତ୍ତମ ଶର୍ମା ପ୍ରମୁଖ ଯୋଗଦେଇ ଥିଲେ।

## ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାକୁ ଫୁଲବାଣୀରେ ଦିଲ୍ଲୀ କ୍ରାଇମ ବ୍ରାଞ୍ଚ

ଫୁଲବାଣୀ, ୨୨।୯(ରାକେଶ କୁମାର ରାଉତ ):

ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାକୁ ଦିଲ୍ଲୀ କ୍ରାଇମବ୍ରାଞ୍ଚ ଟିମ୍ ଫୁଲବାଣୀରେ ପହଞ୍ଚିଛି। ସୂଚନା ପାଇ ସମ୍ପୃକ୍ତ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଥରେ ନୁହେଁ, ୩ ଥର ଏପରି ହେଲାଣି। ସ୍ଥାନୀୟ ପୋଲିସ ସେହି ଚାଲାଣକାରୀଙ୍କୁ ଆଗୁଆ ସୂଚନା ଦେଉଥିବା ବିଶେଷ ସୂତ୍ରରୁ ଜଣା ପଡିଛି। ଯାହା ପୋଲିସ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁସାରେ, କିଛି ମାସ ପୂର୍ବରୁ ଦିଲ୍ଲୀର ରୋହିଣୀ ଅଞ୍ଚଳରୁ ଏକ କାରରୁ କ୍ରାଇମବ୍ରାଞ୍ଚ ପୋଲିସ ୫୧ କିଲୋ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ହେଲେ ଗଞ୍ଜେଇ ବାବଦ ଟଙ୍କା କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗୁମାଗଡର ଚନ୍ଦନ କୁମାର ନାୟକଙ୍କ ଆକାଉଣ୍ଟକୁ ଦେଢ଼ ଲକ୍ଷ ଟଙ୍କା ଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ସେହିପରି ବହୁବାର ଉକ୍ତ ଆକାଉଣ୍ଟକୁ ଟଙ୍କା ଆସୁଥିବା ବେଳେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଚନ୍ଦନ ନାମରେ ଏକାଧିକ ମାମଲା ରହିଥିବା ଜଣାପଡିଥିଲା। କ୍ରାଇମ ବ୍ରାଞ୍ଚର ଅଧିକାରୀମାନେ ବହୁବାର ଚନ୍ଦନଙ୍କୁ ଧରିବା ପାଇଁ ଫୁଲବାଣୀ ଆସିଥିଲେ ମଧ୍ୟ ତାଙ୍କୁ ଗିରଫ କରିବାରେ ବିଫଳ ହେଉଛି। କିଛି ଦିନ ପୂର୍ବରୁ କ୍ରାଇମ ବ୍ରାଞ୍ଚର ଟିମ ଅଭିଯୁକ୍ତ ନାମରେ ବିଭିନ୍ନ ସ୍ଥାନରେ ପୋଷ୍ଟର ମାରିଥିଲା । ତେବେ ଏଥିରେ ସ୍ଥାନୀୟ ଥାନାର କର୍ମଚାରୀମାନେ ଅଭିଯୁକ୍ତକୁ ଖବର ଦେଉଥିବା ସୂଚନା ମିଳିଛି। ଗୁରୁବାର କ୍ରାଇମ ବ୍ରାଞ୍ଚର ୩ ଜଣିଆ ଟିମ ଫୁଲବାଣୀ ଆସି ଅଭିଯୁକ୍ତଙ୍କୁ ଖୋଜିଥିଲେ ହେଁ ପୂର୍ବ ଭଳି ବିଫଳ ହୋଇଥିଲେ। ସେମାନେ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଚନ୍ଦନଙ୍କୁ ଧରିବା ପାଇଁ ପୋଲିସ ସହଯୋଗ କରିବ ବୋଲି ସୂଚନା ମିଳିଛି ।

## ଟେଣ୍ଡର ନ ହୋଇ କାର୍ଯ୍ୟାଦେଶ ପ୍ରଦାନ ଅଭିଯୋଗ

କାଶୀନଗର,୨୨।୯(ଟି.କ୍ରିଷ୍ଣାରାଓ)



ଅଭିଯୋଗ କରିବାକୁ ଆସିଥିବା ଲୋକେ ।

କାଶୀନଗର ବ୍ଲକରେ ଟେଣ୍ଡର ନ ହୋଇ କାର୍ଯ୍ୟାଦେଶ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ବ୍ଲକ ଅନ୍ତର୍ଗତ କେତେକ ପଞ୍ଚାୟତର ପୂର୍ବତନ ଜନପ୍ରତିନିଧି ଓ ଜନସାଧାରଣ ଏହି ଅଭିଯୋଗ ଆଣିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ବିଭିନ୍ନ ପଞ୍ଚାୟତକୁ ୧କୋଟି ୪୦ ଲକ୍ଷ ଟଙ୍କା ମିଳିଥିବା ବେଳେ ଆଇନସମ୍ମତ ଭାବେ ତାହାର ବିନିଯୋଗ କରାଯାଉନାହିଁ। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ପାଇଁ ଟେଣ୍ଡର ଡାକିବାର ବ୍ୟବସ୍ଥା ରହିଛି। କିନ୍ତୁ ବିଡିଓ ତାହା ଉପରେ ଗୁରୁତ୍ୱ ନ ଦେଇ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନର ବିନା ଅନୁମତିରେ କନିଷ୍ଠ ଯନ୍ତ୍ରୀମାନଙ୍କୁ କାର୍ଯ୍ୟାଦେଶ ଦେଉଥିବା କେ. ସୀତାପୁରର ପୂର୍ବତନ ସରପଞ୍ଚ ଡି. ରାଜେଶ କୁମାର ଅଭିଯୋଗ କରିଛନ୍ତି। ତାଙ୍କ ନେତୃତ୍ୱରେ ଉମାଶଙ୍କର ଗନ୍ତାୟତ, କେ. ନାରାୟଣ ରାଓ, ଦିଲ୍ଲୀପ କୁମାର ମିସାଲ ପ୍ରମୁଖ ଶୁକ୍ରବାର ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦିଆଯାଇଥିବା ସମସ୍ତ କାର୍ଯ୍ୟାଦେଶ ରଦ୍ଦ ଓ ଟେଣ୍ଡର ଜରିଆରେ ପ୍ରକଳ୍ପ କାର୍ଯ୍ୟକାରୀ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ସହ ଅଦାଲତର ଆଶ୍ରୟ ନିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ କପିଳେଶ୍ୱର ତାଣ୍ଡିଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇ ଥିଲେ ମଧ ସମ୍ଭବ ହୋଇ ନ ଥିଲା।

## ସଂକ୍ଷେପରେ

### ନିର୍ବାହୀ ଯନ୍ତ୍ରୀଙ୍କ ଘରୁ ୩୦ ଭରି ଗହଣା ଲୁଟ

ବ୍ରହ୍ମପୁର,୨୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ସହର ଓ ସହରତଳି ଅଞ୍ଚଳରେ ଲୁଟିଆଙ୍କ ଦୌରାମ୍ୟ ବଢ଼ିବାରେ ଲାଗିଛି। ସେମାନେ ପୋଲିସ ପାଟ୍ରୋଲିଂକୁ ଚାଲେଞ୍ଜ କରି ତାଲାବନ୍ଦ ଘରକୁ ଟାର୍ଗେଟ କରୁଛନ୍ତି। ଏହିକ୍ରମରେ ଜଣେ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ କାଳି ଚରଣ ପଣ୍ଡାଙ୍କ ଘରେ ଲୁଟିଆ ଗ୍ୟାଙ୍ଗ କଳାକନା ବୁଲାଇଛନ୍ତି। ସେ ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଲୋଚାପଡା ନିକଟସ୍ଥ ବିଜୟ ବିହାରରେ ନିର୍ବାହୀ ଯନ୍ତ୍ରୀ କାଳି ଚରଣ ପଣ୍ଡା ରୁହନ୍ତି। ସେ ଗତ କିଛିଦିନ ତଳେ ଘରେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ଶୁକ୍ରବାର ଫେରିବାରେ ଘର ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘରେ ଥିବା ଆଲମିରାରୁ ୩୦ ଭରିର ସୁନାଗହଣା, ମୂଲ୍ୟବାନ ସାମଗ୍ରୀ ଓ ଟଙ୍କା ଲୁଟ ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଆଗକୁ ପାର୍ବଣ। ବିଭିନ୍ନ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଅନେକ ଅପରାଧୀ ଏବେ ଜାମିନରେ ମୁକୁଳିଛନ୍ତି। ତେଣୁ ଏବେଠୁ ପୋଲିସ ଲୁଟିଆ ଗ୍ୟାଙ୍ଗ ଓ ଅପରାଧୀ ଗୋଷ୍ଠୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ଆସିକା,୨୨।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଚିତ୍ରସେନ ନାହାକ। ତାଙ୍କ ବିରୋଧରେ ଆସିକା ଥାନାରେ ୫୭୦/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସ୍ୱରୂପ କିସନ ସୂଚନା ଦେଇଛନ୍ତି। ଗତ ମଙ୍ଗଳବାର ରାତିରେ ଅଭିଯୁକ୍ତ ଜଣକ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିବା ସହ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଲେ ପ୍ରାଣରେ ମାରିଦେବା ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ମହିଳା ଜଣକ ଗୁରୁବାର ପୋଲିସରେ ଅଭିଯୋଗ କରିଥିଲେ।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବାଲିଗୁଡ଼ା,୨୨।୯ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ବ୍ଲକ କରୁକୁଟୁପା ଗ୍ରାମରେ ସକତା ମାଝୀ (୩୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ସକତା ମାଝୀ ଖାଇ ପିଇ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ନିକଟସ୍ଥ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ବାଲିଗୁଡ଼ା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି।

### ପଞ୍ଚାୟତ ସମିତି ବୈଠକ

ଆସିକା,୨୨।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ପଞ୍ଚାୟତ ସମିତିର ଏକ ବୈଠକ ଶୁକ୍ରବାର ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯରାଇଛି। ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ରେଶମା ଦେରା, ବିଡିଓ ଫକୀର ଚରଣ ପରିଡା, ବିଧାୟିକାଙ୍କ ପ୍ରତିନିଧି ନଚିକେତା ସ୍ୱାଇଁ, ଏମ୍.ପି. ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୁକାନ୍ତ କୁମାର ନାୟକ ପୂର୍ବ ବୈଠକରେ ବିବରଣୀ ପଠନ କରିବା ପରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବ୍ଲକରେ ୨୭ଟି ପଞ୍ଚାୟତରେ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ଶିଶୁ ବିକାଶ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା, କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁ ସମ୍ପଦ, ମନରେଗା ଯୋଜନାରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନର ଅନୁଦାନ, ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ସୁରକ୍ଷା ବ୍ୟବସ୍ଥା ଓ ଓଡିଶା ଜିବିକା ମିଶନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ସ୍ମାର୍ଟ ରାସ୍ତାର ରକ୍ଷଣାବେକ୍ଷଣ କରୁନି ବିଏମ୍‌ସି

ବ୍ରହ୍ମପୁର,୨୨।୯ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ସହରର ୫ଟି ପୁରାତନ ରାସ୍ତାକୁ ସ୍ମାର୍ଟ ରାସ୍ତା ଭାବେ ନିର୍ମାଣ କରାଯାଇଛି। ସ୍ମାର୍ଟ ରାସ୍ତା ପ୍ରଶସ୍ତୀକରଣ ହୋଇଥିବା ବେଳେ ପାଦଚଲା ରାସ୍ତାରେ ପେଭର ବ୍ଲକ ପକାଯାଇଛି। ସ୍ମାର୍ଟ ରାସ୍ତା ପାର୍ଶ୍ୱରେ ସର୍ବସାଧାରଣଙ୍କ ବସିବା ନିମନ୍ତେ ସିମେଣ୍ଟ ଚେୟାର କରାଯାଇଛି। ସ୍ମାର୍ଟ ରାସ୍ତା କାର୍ଯ୍ୟ ବିଳମ୍ବରେ ହୋଇଥିଲେ ବି ସମସ୍ତ କାର୍ଯ୍ୟ ସରିଛି। ତେବେ ଏହାର ଉଚିତ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଦେଖିବାକୁ ମିଳିଛି। ସ୍ମାର୍ଟ ରାସ୍ତା ପାର୍ଶ୍ୱରେ ହୋଇଥିବା ଚେୟାର ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଭାଙ୍ଗିରୁଜି ପଡିଛି।

ବ୍ରହ୍ମପୁର ସହରର ୧୦ଟି ପୁରାତନ ରାସ୍ତାକୁ ୨୩ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ରାସ୍ତାରେ ପରିଣତ କରିବା ପାଇଁ ଯୋଜନା ହୋଇଥିଲା। ଏଥିମଧ୍ୟରୁ ୨୦୨୧ ଡିସେମ୍ବର ୨୬ରେ ବିଏମ୍‌ସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୫ କୋଟି ବ୍ୟୟରେ ୫ଟି ସ୍ମାର୍ଟ ରାସ୍ତା ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ସେଥିମଧ୍ୟରୁ ୧୯ ନଂ ୱାର୍ଡ ଅନ୍ତର୍ଗତ ସୁବାରାଓ ଛକଠାରୁ ସେଣ୍ଟ ଭିନସେଣ୍ଟ ସ୍କୁଲ ରାସ୍ତା ଓ ଷ୍ଟେଟ



ସ୍ମାର୍ଟ ରାସ୍ତାରେ ଭାଙ୍ଗି ପଡ଼ିଥିବା ଚେୟାର। ।

ବ୍ୟାଙ୍କ ମୁଖ୍ୟ ଛକ ପାଇଁ ୫୩ ଲକ୍ଷ ୪୩ ହଜାର, ଅନ୍ନପୂର୍ଣ୍ଣା ମାର୍କେଟଠାରୁ ଭିଶାଲ ମେଗା ମାର୍ଟ ରାସ୍ତା ପାଇଁ ୩ କୋଟି ୮୦ ଲକ୍ଷ ୯୦ ହଜାର, ଜ୍ୟୋତି ପେଟ୍ରୋଲ ପମ୍ପଠାରୁ ଗାନ୍ଧୀନଗର ଛକ ରାସ୍ତା ପାଇଁ ୩ କୋଟି ୫ ଲକ୍ଷ, ଗାନ୍ଧୀନଗର ଉପର ଛକ ଖଲାସି ସାହିଠାରୁ ଗାନ୍ଧୀନଗର ଛକ ରାସ୍ତା ୨ କୋଟି ୧୦ ଲକ୍ଷ ଓ ୧୮ ନଂ ୱାର୍ଡ ଅନ୍ତର୍ଗତ ୫୯ ନଂ ଜାତୀୟ ରାଜପଥଠାରୁ ଭେଙ୍କେଟଶ୍ୱର ମନ୍ଦିର ସାହିଠାରୁ କପିଳେଶ୍ୱର ମନ୍ଦିର ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଶିଳାନ୍ୟାସ ପରେ ୩ ମାସ ମଧ୍ୟରେ ୫ଟି ସ୍ମାର୍ଟ ରାସ୍ତା ନିର୍ମାଣ ସରିବା ନେଇ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ବିଏମସି ପକ୍ଷରୁ ଧାର୍ଯ୍ୟ ସମୟରେ ରାସ୍ତା କାର୍ଯ୍ୟ ସରିଲା ନାହିଁ। ଏହାପରେ ଅବଧି ବୃଦ୍ଧି କରାଗଲା। ଏଭଳି ଭାବେ ସ୍ମାର୍ଟ ରାସ୍ତା କାର୍ଯ୍ୟ ସରିବା ପାଇଁ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଲା। ତଥାପି କେତେକ ସଂପୂର୍ଣ୍ଣ ହୋଇଥିବା ସ୍ମାର୍ଟ ରାସ୍ତାରେ ଆନୁସଙ୍ଗିକ ସୁବିଧା ନ ଥିବା ଦେଖିବାକୁ ମିଳିଛି। ଏପରିକି ରାସ୍ତା ପାର୍ଶ୍ୱରେ ହୋଇଥିବା ବ୍ୟୟବହୁଳ କାର୍ଯ୍ୟ ଭାଙ୍ଗି ନଷ୍ଟ ହେବାକୁ ବସିଛି। ଷ୍ଟେଟ ବ୍ୟାଙ୍କ ମୁଖ୍ୟଛକରେ ହୋଇଥିବା ସିମେଣ୍ଟ ଚେୟାର ଭାଙ୍ଗି ପଡିଛି। ଏହି ରାସ୍ତାରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ସିମେଣ୍ଟ ଚେୟାର ରହିଛି। ପୂର୍ବାହ୍ନ ଓ ସନ୍ଧ୍ୟା ସମୟରେ ବହୁ ବରିଷ୍ଠ ନାଗରିକ ଓ ପଥ ଚାରୀ ଏଠାରେ ବସି ନିଜର ସମୟ ଅତିବାହିତ କରିଥାନ୍ତି। କିନ୍ତୁ ଦୀର୍ଘ ଦିନ ଧରି ଏହା ଭାଙ୍ଗି ରୁଜି ପଡିଥିବା ବେଳେ ଏହାର ନିର୍ମାଣ ଦିଗରେ ବିଏମସି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସ୍ମାର୍ଟ ରାସ୍ତା ଉପରେ ଉଠା ଦୋକାନୀମାନେ ବ୍ୟବସାୟ କରୁଥିବାରୁ ଅନେକ ସମୟରେ ଟ୍ରାଫିକ ଜାମ୍ ହେଉଛି। ତେଣୁ ସ୍ମାର୍ଟ ରାସ୍ତାରେ ଉଠା ଦୋକାନୀଙ୍କୁ ଉଚ୍ଛେଦ କରି ଉଚିତ ଜାଗାରେ ଥଇଥାନ କରିବାକୁ ଦାବି ହୋଇଛି। ଏ ନେଇ ବିଏମସି କନିଷ୍ଠ ଯନ୍ତ୍ରୀ ଶ୍ରୁତିକା ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରାସ୍ତା ପାର୍ଶ୍ୱରେ ଭାଙ୍ଗି ଯାଇଥିବା ଚେୟାର ମରାମତି ପାଇଁ ଠିକାଦାରଙ୍କୁ କୁହାଯାଇଛି। ଖୁବ ଶୀଘ୍ର ଏହାର ମରାମତି କରାଯିବ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ସନ୍ଦୀପ
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପାରମ୍ପରିକ ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ

## ସରକାରୀ ଯୋଜନାର ପ୍ରଚାର ପ୍ରସାର କରିବେ

ଛତ୍ରପୁର,୨୨।୯ (ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକର ସମସ୍ତ ଗ୍ରାମାଞ୍ଚଳରେ ପାରମ୍ପରିକ ଲୋକକଳା ମାଧ୍ୟମରେ ସରକାରଙ୍କ ଜନହିତକର ଯୋଜନାଗୁଡିକର ପ୍ରଚାର ପ୍ରସାର କରାଯିବ । ଏଥିନେଇ ଜିଲାସ୍ତରୀୟ ପ୍ରଶିକ୍ଷଣ ପରେ ବ୍ଲକସ୍ତରୀୟ ପାରମ୍ପରିକ ଲୋକକଳା ଦଳ ଚୟନ ଓ ପଞ୍ଜୀକରଣ ପରେ ବ୍ଲକର ୩୦ଟି ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଛତ୍ରପୁର ସଭାଗୃହ ପ୍ରକୋଷ୍ଠ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପ୍ରଶିକ୍ଷଣ ପ୍ରଦାନ ଶିବିରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ରହି ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ନିୟୋଜିତ ହେବାକୁ ଥିବା ପାରମ୍ପରିକ ଲୋକକଳା ଦଳଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର



ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।

ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଜିଲାର ସମସ୍ତ ଗ୍ରାମାଞ୍ଚଳରେ କରାଯିବ । ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରଣମିତା ପଣ୍ଡା ଏବଂ କୃଷି ଅଧିଦର୍ଶକ ଦୂର୍ଗା ପ୍ରସାଦ ପ୍ରଧାନସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ କଳାକାର ମାନଙ୍କୁ ଅବଗତ କରାଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ମୋହନ ସେନାପତି ଏବଂ ବ୍ଲକ କଳା ସାଂସ୍କୃତିକ ସଂଘର ଉପସଭାପତି ପ୍ରଶାନ୍ତ ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ପଞ୍ଜିକୃତ ହୋଇଥିବା ୩୦ଟି ଦଳର ଦଳମୁଖ୍ୟ ଏବଂ ବରିଷ୍ଠ କଳାକାର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ବ୍ରହ୍ମପୁର,୨୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଗୌତମୀ ଗାଁର ବିଜୟ ବିଷୋୟୀଙ୍କ ସ୍ତ୍ରୀ ଟିଙ୍କିନା ପ୍ରଧାନ(୨୪)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଝିଅକୁ ବିଷ ପିଆଇ ହତ୍ୟା କରାଯାଇଥିବା ନେଇ ଟିଙ୍କିନାଙ୍କ ମା' ଉର୍ମିଳା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ୍ ୪୬୩/୨୩ରେ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ମା'ଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଟିଙ୍କିନାଙ୍କ ସ୍ୱାମୀ ବିଜୟଙ୍କୁ ଅଟକ ରଖି ପଚରାଉଚୁରା କରୁଛି। କିଛିବର୍ଷ ତଳେ ଧରାକୋଟ ଥାନା ଅନ୍ତର୍ଗତ ପଟାବାବୁଲି ଗାଁର ଭାଲୁ ପ୍ରଧାନଙ୍କ ଝିଅ ଟିଙ୍କିନା ସଦର ଥାନା ଅନ୍ତର୍ଗତ ଗୌତମୀ ଗାଁର ବିଜୟଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ବିଜୟ ବିବାହ ପରଠାରୁ ଅଧିକ ଯୌତୁକ ଆଣିବା ପାଇଁ ଟିଙ୍କିନାଙ୍କ କହିବା ସହ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଗୁରୁବାର ବିଳମ୍ବିତ ରାତ୍ରରେ ଟିଙ୍କିନାଙ୍କୁ ବିଜୟ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଶୁକ୍ରବାର ବିଜୟ ଫୋନ୍ କରି ଟିଙ୍କିନାଙ୍କ ମୃତ୍ୟୁ ହୋଇଥିବା ଶାଶୁଙ୍କୁ ଜଣାଇଥିଲେ। ଟିଙ୍କିନାଙ୍କ ବାପା ଭାଲୁ ସୁରଟରେ ରହି କାମ କରୁଥିବାରୁ ମା' ଉର୍ମିଳା ତୁରନ୍ତ ମେଡିକାଲ ଆସି ଝିଅ ମୃତଦେହ ପଡ଼ିଥିବା ଦେଖିଥିଲେ। ଟିଙ୍କିନା ବିଷ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ବିଜୟ ତାଙ୍କୁ କହିଥିଲେ।

# କୋର୍ଟରେ ହାଜର ହେଲେନି ତଦନ୍ତକାରୀ ଅଧିକାରୀ

## ଅଳକାପୁରୀ ହତ୍ୟା ମାମଲା

ବ୍ରହ୍ମପୁର,୨୨।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଅଳକାପୁରୀରେ ରହୁଥିବା ସୁରଜା ବେହେରାଙ୍କୁ ୨୦୨୨ ଫେବ୍ରୁୟାରୀ ୨୪ ତାରିଖ ସନ୍ଧ୍ୟାରେ ହତ୍ୟା କରାଯାଇଥିଲା। ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସଦର ଥାନାଧିକାରୀ ମହେନ୍ଦ୍ର ସାହୁ ୨୨ତମ ସାକ୍ଷୀ ଭାବେ ହାଜର ହେବା ପାଇଁ ପୂର୍ବରୁ ଦୁଇ ଦୁଇଥର କୋର୍ଟ ପକ୍ଷରୁ ନୋଟିସ ହୋଇଥିଲା। ସେ କୋର୍ଟରେ ହାଜର ହୋଇ ନ ଥିଲେ। ପୁଣି ଶୁକ୍ରବାର ଏଡିଜେ–୩ କୋର୍ଟରେ ହାଜର ପାଇଁ ନୋଟିସ ହୋଇଥିଲେ ମଧ୍ୟ ସେ ହାଜର ହୋଇ ନ ଥିଲେ। ଆସନ୍ତା ୬ ତାରିଖରେ କୋର୍ଟରେ ହାଜର ପାଇଁ ପୁଣିଥରେ ତାଙ୍କୁ ନୋଟିସ କରାଯାଇଛି ବୋଲି ଏପିପି ରଜତ କୁମାର ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଳକାପୁରୀ ୭ମ ଲାଇନରେ ବିଜୟ କୁମାର ବେହେରା ଓ ତାଙ୍କ ସ୍ତ୍ରୀ ସୁରଜା ରହୁଥିଲେ। ପୁଅ ରଶ୍ମିରଞ୍ଜନ ବେହେରା ଭୁବନେଶ୍ୱରରେ ରହୁଥିଲେ। ଘଟଣାଦିନ ବିଜୟ ସାନ୍ଧ୍ୟ ଭ୍ରମଣ ସାରି ଘରକୁ ଫେରି ତାଙ୍କ ସ୍ତ୍ରୀଙ୍କୁ ଗ୍ରୀଲ୍ ତାଲା ଖୋଲିବାକୁ କହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସୁରଜା ଘରୁ ନ ବାହାରିବାରୁ ବିଜୟଙ୍କ ସନ୍ଦେହ ହୋଇଥିଲା। ପରେ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ବିଜୟ ଘର ଭିତରକୁ ଯାଇଥିବା ବେଳେ ଖଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁରଜାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ସୁରଜାଙ୍କ ପୁଅ ରଶ୍ମିରଞ୍ଜନ ଘରେ ପହଞ୍ଚିଥିଲେ। ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୯୫/୨୨ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି କବିସୂର୍ଯ୍ୟନଗରର ବୁଇରାଣୀ ଦେଶିବେହେରା ସାହିର ବଳରାମ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବିସିସି ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ବ୍ରହ୍ମପୁର,୨୨।୯ (ନରସିଂହ ସାହୁ)

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ କର୍ମଚାରୀଙ୍କ ଶୁକ୍ରବାର ହେବାକୁ ଥିବା ଦିନିକିଆ ସମୂହ କାମବନ୍ଦ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ୪ ଦଫା ଦାବି ପୂରଣ କରାଯାଇ ନ ଥିବା ପ୍ରତିବାଦରେ ଆନ୍ଦୋଳନ ଡ଼ାକରା ଦିଆଯାଇଥିଲା। ମୁଖ୍ୟ ଦାବି ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ୨୦୧୬ ଜାନୁୟାରୀ ୧ ତାରିଖରୁ ଲାଗୁ ହୋଇଥିବା ବର୍ଦ୍ଧିତ ଦରମାର ବକେୟା ପ୍ରାପ୍ୟ ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ଦିଆଯିବ ବୋଲି ରାଜ୍ୟ ସମବାୟ ନିବନ୍ଧକଙ୍କ ଲିଖିତ ପ୍ରତିଶ୍ରୁତି ମିଳିବାରୁ ପ୍ରସ୍ତାବିତ ଧର୍ମଘଟ ବନ୍ଦ ରଖାଯାଇଥିବା କୁହାଯାଇଛି। ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଗତ ଗୁରୁବାର ସନ୍ଧ୍ୟାରେ ନିଖିଳ ଓଡ଼ିଶା ସମବାୟ କେନ୍ଦ୍ର କର୍ମଚାରୀ ମହାସଂଘ ଏବଂ ରାଜ୍ୟ ସମବାୟ ନିବନ୍ଧକଙ୍କ ମଧ୍ୟରେ ଦାବି ପୂରଣ ନେଇ ଦ୍ୱିପାକ୍ଷିକ ବୈଠକ ଭୁବନେଶ୍ୱରରେ ହୋଇଥିଲା। ମୁଖ୍ୟ ଦାବି ବକେୟା ଟଙ୍କା ପୈଠ ନେଇ ଜୋରଦାର ଆଲୋଚନା କରାଯାଇଥିଲା। ମହାସଂଘ କର୍ମକର୍ତ୍ତା ଏବଂ ସରକାରଙ୍କ ସମବାୟ ନିବନ୍ଧକ ଓ ଅତିରିକ୍ତ ନିବନ୍ଧକଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ଆସନ୍ତା ମାସ ପ୍ରଥମ ସପ୍ତାହରେ ବକେୟା ପ୍ରାପ୍ୟ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବ୍ରହ୍ମପୁର,୨୨।୯ (ତନୁଶ୍ରୀ ନାହାକ)

ଗଣେଶ ପୂଜା ଅବସରରେ ବିଶ୍ୱକଲ୍ୟାଣ ନିମନ୍ତେ ସହର ଉପକଣ୍ଠସ୍ଥ ପଲ୍ଲୀଗୁମୁଳା ଠାରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ଶୁକ୍ରବାର ଉଦଯାପିତ ହୋଇଯାଇଛି। ପଲ୍ଲୀଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଦେବାଶିଷ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ଼.ଗୋପବନ୍ଧୁ ଦାସ ଏଥିରେ ଯୋଗ ଦେଇଥିଲେ। ଆମ୍ଭପୁଆ ସାରସ୍ୱତ ଆଶ୍ରମର ସଭ୍ୟଙ୍କ ଦ୍ୱାରା ଅନୁଷ୍ଠିତ ନାମଯଜ୍ଞକୁ ଲକ୍ଷ୍ମୀ ମହାପାତ୍ର, ଭୈରବୀ ଜେନା ପ୍ରମୁଖ ପରିଚାଳନା କରିଥିଲେ। ବ୍ରହ୍ମପୁର ଡ଼େପୁଟି ମେୟର ଇ.ବିବେକ ରେଡ୍ଡୀ, ରଣ୍ଡା ସରପଞ୍ଚ ଅଜିତ ରାଉଳ, ରଙ୍ଗେଇଲୁଣ୍ଡା ଜିଲା ପରିଷଦ ସଭାନେତ୍ରୀ ରାଜେଶ୍ୱରୀ ଦୋରା, ବଡ଼କୁଶସ୍ଥଳୀ ସରପଞ୍ଚ ସୁନୀତା ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସୁଶାନ୍ତ ଜେନା,ଗଙ୍ଗାଧର ପାତ୍ର, ଶ୍ରୀକାନ୍ତ ଜେନା, ବି.ଶିବା ରେଡ୍ଡୀ,ଦିଲିପ ମହାପାତ୍ର, ଗୌତମ ନାହାକଙ୍କ ସମେତ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଲ୍ଲୀଗୁମୁଳା ସମେତ ଆଖାପଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ଭକ୍ତ ଯୋଗଦେଇଥିଲେ।

# ଟିପିଏସ୍‌ଓଡିଏଲ୍‌ର ସିଆର୍‌ସି, ଡିଭିଜନ ଅଫିସ ଉଦ୍‌ଘାଟିତ



ସିଆର୍‌ସି ଓ ଡିଭିଜନ ଅଫିସ ଉଦ୍‌ଘାଟନ କରାଯାଉଛି।

ବ୍ରହ୍ମପୁର,୨୨।୯ (ସ୍ମୃତି ରଞ୍ଜନ ମହାଲିକ୍)

ଟିପିଏସ୍‌ଓଡିଏଲ୍ ପକ୍ଷରୁ ହିଞ୍ଜିଳିକାଟୁଠାରେ ନୂତନ ଉପଭୋକ୍ତା ସମ୍ପର୍କ କେନ୍ଦ୍ର (ସିଆରସି) ଓ ଡିଭିଜନ ଅଫିସ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବୋର୍ଡ ସଦସ୍ୟ ନରେନ୍ଦ୍ରନାଥ ମିଶ୍ର, ଅଶୋକ କୁମାର ତ୍ରିପାଠୀ ଓ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କୁ ସହଜ ଓ ସମୟ ଉପଯୋଗୀ ସେବା ଯୋଗାଇ ଦେବା କ୍ଷେତ୍ରରେ ଏହି ସମ୍ପର୍କ କେନ୍ଦ୍ର ଓ ଡିଭିଜନ ଅଫିସ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଦ୍ୟୁତ ସେବାକୁ ଅଧିକ ପ୍ରଭାବଶାଳୀ କରିବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସିଆରସି ଅଭିଜ୍ଞ କର୍ମଚାରୀଙ୍କ ଟିମ ଦ୍ୱାରା ପରିଚାଳିତ ହେବ। ସେଠାରେ ବିଭିନ୍ନ ପ୍ରକାରର ନୂତନ ବୈଷୟିକ ବିଦ୍ୟା ମାଧ୍ୟମରେ କାର୍ଯ୍ୟ ସୁବିଧା ମିଳିବ। ଅନ୍ୟପକ୍ଷରେ ନୂଆ ଡିଭିଜନ ଅଫିସ ବିଦ୍ୟୁତ ସେବା ଯୋଗାଣ ଓ ଉପଭୋକ୍ତଙ୍କ ସହ ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ହବ୍ ଭାବେ କାର୍ଯ୍ୟ କରିବ। ଡିଭିଜନ ଅଫିସ ଉପଭୋକ୍ତାଙ୍କ ଆବଶ୍ୟକତା ଓ ଚାହିଦାକୁ ପ୍ରାଥମିକତା ଦେଇ କାର୍ଯ୍ୟ ସମ୍ପାଦନ କରିବ। ହିଞ୍ଜିଳିକାଟୁର ନୂଆ ସିଆରସିକୁ ମିଶାଇ ଟିପିଏସ୍‌ଓଡିଏଲର ୫ଟି ସିଆରସି ରହିଛି। ପୂର୍ବରୁ ବ୍ରହ୍ମପୁର, ଜୟପୁର, ପାରଳାଖେମୁଣ୍ଡି ଓ ରାୟଗଡ଼ାଠାରେ ସିଆରସି ରହିଥିବା କଂପାନୀ ପକ୍ଷରୁ କୁହାଯାଇଛି।

# ଆନ୍ଧ୍ର ପ୍ରାଥମିକ ବିଦ୍ୟାଳୟ ଓଡ଼ିଆ ପିଲାଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ

ବ୍ରହ୍ମପୁର,୨୨।୯ (ସ୍ମୃତି ରଞ୍ଜନ ମହାଲିକ)

ଆନ୍ଧ୍ର–ଓଡ଼ିଶା ଉପାନ୍ତରେ ଥିବା ବିଭିନ୍ନ ଜିଲାର ୧୧ ହଜାର ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଇଚ୍ଛାପୁର ଠାରେ ଶୁଭାରମ୍ଭ ହୋଇଛି। ଉତ୍କଳ ସମ୍ମିଳନୀର ଜାତୀୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର ଓ ଉପସଭାପତି ତଥା ଗଞ୍ଜାମ ଜିଲା ସଭାପତି ଡ ସୁବ୍ରତ କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ ପରାମର୍ଶକ୍ରମେ ଇଚ୍ଛାପୁର ଓଡ଼ିଆ ପ୍ରାଥମିକ ବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ସଂଖ୍ୟାଲଘୁ ଅଧ୍ୟକ୍ଷ ଅଧିବକ୍ତା ସତ୍ୟନାରାୟଣ ପାଢ଼ୀ ସଭାପତିତ୍ୱ କରିଥିଲ। ମୁଖ୍ୟଅତିଥି ରୂପେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଓଡ଼ିଆ ଶିକ୍ଷାଧିକାରୀ ଦୁର୍ଗାପ୍ରସାଦ ଚୌଧୁରୀ, ମୁଖ୍ୟବକ୍ତା ରୂପେ ଉତ୍କଳ ସମିଳନୀ ଜାତୀୟ କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର, ସମ୍ମାନିତ ବକ୍ତା ରୂପେ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବାପୁଜୀ ଓଡ଼ିଆ ପାଠାଗାର ପୂର୍ବତନ ସଭାପତି ରାଜେନ୍ଦ୍ର ପଣ୍ଡା ଓ ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ ଏବଂ ଉତ୍କଳ ସମ୍ମିଳନୀ





ଛାତ୍ରୀଛାତ୍ରଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କରାଯାଉଛି।

ଇଚ୍ଛାପୁର ମଣ୍ଡଳ ସୁପରଭାଇଜର ବିଦ୍ୟାଧର ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଆନ୍ଧ୍ର ପ୍ରଦେଶରେ ଓଡ଼ିଆ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାର, ଆନ୍ଧ୍ର ପ୍ରଦେଶ ସରକାର ଓ ଉତ୍କଳ ସମ୍ମିଳନୀ ପୂର୍ଣ୍ଣ ସହଯୋଗ କରୁଥିବାରୁ ସମ୍ମିଳନୀ ସଭାପତି ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ନିମନ୍ତେ ତୃଣମୂଳ ସ୍ତରରେ ଓଡ଼ିଆ ଛବିଳ ମଧୁ ବର୍ଣ୍ଣବୋଧର ଉପାଦେୟତା ସମ୍ପର୍କରେ କହିଥିଲେ। ଆନ୍ଧ୍ର ଉପାନ୍ତ ଅଞ୍ଚଳରେ ମାତୃଭାଷା ଓଡ଼ିଆକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରୁଥିବାରୁ ଆନ୍ଧ୍ର ପ୍ରଦେଶର ସମସ୍ତ ଓଡ଼ିଆମାନଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆସନ୍ତା ମାସରେ ଉତ୍କଳ ସମ୍ମିଳନୀ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବଡ଼ କାର୍ଯ୍ୟକ୍ରମ ଆନ୍ଧ୍ରପ୍ରଦେଶରେ ହେବ ବୋଲି ମୁଖ୍ୟବକ୍ତା ସୂଚନା ଦେଇଥିଲେ। ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ଦେବୀ, କୀର୍ତ୍ତିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ଦେବୀଙ୍କ ସମେତ ଇଚ୍ଛାପୁର, କାଞ୍ଚିଲି, କାଭେଟି ଓ ସୋମପେଟା ବ୍ଲକର ୩୦ରୁ ଉର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

